# NATIONAL NEWS BULLETIN (ODIA)

**15 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତ ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ସାଇପ୍ରସ ଅଭିମୁଖେ ଯାତ୍ରା କଲେ ପ୍ରଧାନମନ୍ତ୍ରୀ

– କହିଲେ, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଗସ୍ତର ଉଦ୍ଦେଶ୍ୟ

- ଉତ୍ତରାଖଣ୍ଡ ଖାର୍କ ପାର୍ବତ୍ୟାଞ୍ଚଳରେ ହେଲିକପ୍ଟର ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ

- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଗଲା ୧୨ଟି ମୃତଦେହ

- ଇରାନ ଓ ଇସ୍ରାଏଲ ମଧ୍ୟରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ପର୍ଯ୍ୟାୟରେ ପହଁଞ୍ଚିଛି ଆକ୍ରମଣ ଓ ପ୍ରତିଆକ୍ରମଣ

ଏବଂ

- ବିଶ୍ୱ ଟେବୁଲ ଟେନିସ୍ ପ୍ରତିଯୋଗିତା ସ୍କୋପେଜ୍ -୨୦୨୫ର ପୁରୁଷ ଡବଲ୍ସ ଫାଇନାଲରେ ପହଁଞ୍ଚିଲେ ଭାରତୀୟ ଯୋଡ଼ି

# ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାଇପ୍ରସ, କାନାଡ଼ା ଏବଂ କ୍ରୋଏସିଆକୁ ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତ ସୀମାପାର ସନ୍ତ୍ରାସବାଦ ବିରୁଦ୍ଧରେ ଭାରତକୁ ଦୃଢ଼ ସମର୍ଥନ ଏବଂ ବିଶ୍ୱ ସମୁଦାୟକୁ ଏକଜୁଟ କରିବା ପାଇଁ ସହଯୋଗ କରିଥିବା ଦେଶମାନଙ୍କୁ ଧନ୍ୟବାଦ ଦେବା ପାଇଁ ଉଦ୍ଦିଷ୍ଟ । ଆଜି ସକାଳେ ସାଇପ୍ରସ ଅଭିମୁଖେ ଯାତ୍ରା କରିବା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଗସ୍ତ ବାଣିଜ୍ୟ, ନିବେଶ ସୁରକ୍ଷା, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସମ୍ପର୍କକୁ ବିସ୍ତାର କରିବା ସହ ଉଭୟ ଦେଶର ଲୋକଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ସାଇପ୍ରସ ହେଉଛି ଭୂମଧ୍ୟ ସାଗରୀୟ କ୍ଷେତ୍ର ଏବଂ ୟୁରୋପୀୟ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ପ୍ରଧାନମନ୍ତ୍ରୀ କହିଛନ୍ତି, କାନାଡ଼ାରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ବିଶ୍ୱପ୍ରସଙ୍ଗ ଓ ବିଶ୍ୱର ଦକ୍ଷିଣାଞ୍ଚଳର ପ୍ରାଥମିକତା ଉପରେ ମତବିନିମୟ ପାଇଁ ସୁଯୋଗ ପ୍ରଦାନ କରିବ । ଭାରତ ଏବଂ କ୍ରୋଏସିଆ ମଧ୍ୟରେ ଶହ ଶହ ବର୍ଷର ପୁରୁଣା ଓ ଘନିଷ୍ଠ ସାଂସ୍କୃତିକ ସମ୍ପର୍କ ରହିଛି । କ୍ରୋଏସିଆକୁ ତାଙ୍କର ଗସ୍ତ ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ପାଇଁ ନୂତନ ରାସ୍ତା ଖୋଲିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ, ସାଇପ୍ରସ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୋ ଉଲିଡ୍ସଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଆଜି ସାଇପ୍ରସ ଯାଉଛନ୍ତି । ଦୁଇଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ସାଇପ୍ରସକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ

ଏହା ପ୍ରଥମ ଗସ୍ତ । ନିକୋସିଆରେ ଥିବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଇପ୍ରସ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ । ଏହି ଅବସରରେ ସେ ଲିମାସୋଲରେ ବିଶିଷ୍ଟ ବ୍ୟବସାୟୀକ ନେତୃତ୍ୱଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହ ଭୂମଧ୍ୟସାଗରୀୟ ଅଞ୍ଚଳ ତଥା ୟୁରୋପୀୟ ସଂଘ ସହିତ ଭାରତର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଦୁଇଦେଶର ସହଭାଗୀ ପ୍ରତିବଦ୍ଧତାକୁ ଦୋହରାଇବ ବୋଲି ଆଶା କରାଯାଉଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତାକାଲି ଜି-୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ କାନାଡ଼ାର କାନାନାସ୍କିସ୍ ଯାତ୍ରା କରିବେ । ଏହା ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ କ୍ରମାଗତ ଷଷ୍ଠ ଅଂଶଗ୍ରହଣ ହେବ । ଏହି ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୭ ରାଷ୍ଟ୍ରର ନେତାମାନଙ୍କ ସମେତ ଅନ୍ୟ ଆମନ୍ତ୍ରିତ ଦେଶ ତଥା ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ବିଶେଷକରି ଶକ୍ତି ସୁରକ୍ଷା, ପ୍ରଯୁକ୍ତି ବିଦ୍ୟା ଓ ନବସୃଜନ, କୃତ୍ରିମ ବୁଦ୍ଧିମତା-ଶକ୍ତି ସମ୍ମିଶ୍ରଣ ଏବଂ କ୍ୱାଣ୍ଟମ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ହେବ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ତାରିଖରେ କ୍ରୋଏସିଆକୁ ସରକାରୀ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ତାଙ୍କ କ୍ରୋଏସିଆ ପ୍ରତିପକ୍ଷ ଆଣ୍ଡ୍ରେଜ୍ ପ୍ଲେନ୍‌କୋଭିକ୍‌ଙ୍କ ସହ ଦ୍ୱିପାକ୍ଷିକ

ଆଲୋଚନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୋଏସିଆ ରାଷ୍ଟ୍ରପତି ଜୋରାନ ମିଲାନୋ ଭିକ୍ସ୍ଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

## ଉତ୍ତରାଖଣ୍ଡ ହେଲିକପ୍ଟର କ୍ରାସ

ଉତ୍ତରାଖଣ୍ଡର କେଦାରନାଥ ନିକଟ ଗୌରୀକୁଣ୍ଡ ଖାର୍କ ପାବତ୍ୟାଞ୍ଚଳରେ ଆଜି ସକାଳେ ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ତୀର୍ଥଯାତ୍ରୀ ଓ ଜଣେ ପାଇଲଟ୍ଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି । ହେଲିକପ୍ଟରଟି କେଦାରନାଥରୁ ତୀର୍ଥଯାତ୍ରୀଙ୍କୁ ନେଇ ଗୁପ୍ତକାଶୀ ଯାଉଥିଲା । ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରରୁ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଦଳ ସେଠାରେ ପହଁଞ୍ଚିଥିଲେ । ଘଟଣାସ୍ଥଳରୁ ମୃତଶରୀରଗୁଡ଼ିକୁ ଉଦ୍ଧାର କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ବେସାମରିକ ବିମାନ ଉଡ଼ାଣ ମହାନିର୍ଦ୍ଦେଶାଳୟ– ଡିଜିସିଏ ପକ୍ଷରୁ ଏହି ଦୁର୍ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଧାମୀ କହିଛନ୍ତି ।

**V/O– PUSHKAR-DHAMI-ON-HELI-CRASH**

ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରାହୁଲ ଚୌବେ କହିଛନ୍ତି, ପ୍ରତିକୂଳ ପାଗ ଯୋଁ ହେଲିକପ୍ଟରଟି ଏକ ଗଛରେ ବାଡ଼େଇ ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି ।

# ପ୍ଲେନ୍ କ୍ରାଶ- ଡି.ଏନ୍.ଏ

ଅହମ୍ମଦାବାଦ ବିମାନ ଦୁର୍ଘଟଣାର ୩୧ ଜଣ ମୃତକଙ୍କ ଡି.ଏନ୍.ଏ. ନମୂନା ମେଳ କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ୍ ୧୨ ଜଣଙ୍କ ମୃତଦେହ ସମ୍ପୃକ୍ତ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲର ଅତିରିକ୍ତ ଅଧୀକ୍ଷକ ଡାକ୍ତର ରଜନୀଶ ପଟେଲ କହିଛନ୍ତି, ଯେଉଁମାନଙ୍କର ଡି.ଏନ୍.ଏ. ନମୂନା ମେଳ ହୋଇଛି, ସେମାନଙ୍କ ମୃତଦେହକୁ ସମ୍ମାନର ସହିତ ହସ୍ତାନ୍ତର କରାଯାଉଛି। ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ଏହି ଦଳରେ ଜଣେ ବରିଷ୍ଠ ଅଧିକାରୀ, ଜଣେ ପୁଲିସ କର୍ମଚାରୀ ଏବଂ ଜଣେ ବୃତ୍ତିଗତ ପରାମର୍ଶଦାତା ଅଛନ୍ତି।

**V/O-RAJNISH--PATEL-DNA**

ଡକ୍ଟର ପଟେଲ କହିଛନ୍ତି, ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୟ ରୂପାନୀଙ୍କ ମୃତଦେହ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି।

# ଇସ୍ରୋ- ୟୁପି ରକେଟ୍ ଲଞ୍ଚ

ଉତ୍ତରପ୍ରଦେଶର କୁଶିନଗରରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା- ଇସ୍ରୋ ଏକ ରକେଟ୍ ଉତ୍କ୍ଷେପଣ ପରୀକ୍ଷଣ ସଫଳତାର ସହ କରିଛି। ରାଜ୍ୟ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ପ୍ରଥମଥର ଲାଗି ଏକ ରକେଟ୍ ମାଧ୍ୟମରେ ଛୋଟ ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ କରାଯାଇଛି। ଏ ସମ୍ପର୍କରେ ଇସ୍ରୋ ବୈଜ୍ଞାନିକ ଅଭିଷେକ ସିଂହ ସୂଚନା ଦେଇ କହିଛନ୍ତି, ଏହି ପରୀକ୍ଷଣ ଥ୍ରଷ୍ଟ ଟେକ୍ ଇଣ୍ଡିଆ ଲିମିଟେଡ୍

ସହଯୋଗରେ କରାଯାଇଥିଲା। ରକେଟ୍ ଲଞ୍ଚିଂ ପରୀକ୍ଷଣ ସମୟରେ ମହାକାଶଯାନଟି ୧ ଦଶମିକ ୧ କିଲୋମିଟର ଉଚ୍ଚତାକୁ ଉଠିଥିଲା। ପରେ ଏକ ଛୋଟ ଉପଗ୍ରହ ଯାନରୁ ବାହାରି ଆସି ୫ ମିଟର ତଳକୁ ଖସିବା ମାତ୍ରେ ପାରାଚ୍ୟୁଟ ସକ୍ରିୟ ହୋଇଥିଲା ଓ ଉପଗ୍ରହଟି ଭୂମିରେ ଅବତରଣ କରିଥିଲା। ୧୫ କିଲୋଗ୍ରାମ ରକେଟ୍ ମଧ୍ୟ ପାରାଚ୍ୟୁଟ ସାହାଯ୍ୟରେ ସୁରକ୍ଷିତ ଅବତରଣ କରିଥିଲା। ଆଜିର ସଫଳ ପରୀକ୍ଷଣ ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ହେବାକୁ ଥିବା ଏକାଧିକ ପରୀକ୍ଷଣକୁ ସୁଗମ କରିବ ବୋଲି ଆଶା କରାଯାଉଛି। ଥ୍ରଷ୍ଟ ଟେକ୍ ଇଣ୍ଡିଆର ନିର୍ଦ୍ଦେଶକ ବିନୋଦ କୁମାର କହିଛନ୍ତି, ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମହାକାଶ ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହ ସୃଷ୍ଟି କରାଯାଉଛି।

## ଇସ୍ରାଏଲ-ଇରାନ କନଫ୍ଲିଟ୍

ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଆକ୍ରମଣ-ପ୍ରତିଆକ୍ରମଣ ଏବେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ପର୍ଯ୍ୟାୟରେ ପହଁଞ୍ଚିଛି। ଇରାନ୍ ପକ୍ଷରୁ ଆଜି ଆକ୍ରମଣରେ ଇସ୍ରାଏଲରେ ଅତିକମ୍‌ରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଇସ୍ରାଏଲ ଆକ୍ରମଣରେ ତେହରାନ୍‌ର ଏକ ତୈଳ ଡିପୋ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। କ୍ରମାଗତ ତିନିଦିନ ସଂଘର୍ଷ ଯୋଗୁଁ ଧନଜୀବନ ହାନୀ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଜରୁରୀକାଳୀନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ଭଗ୍ନାବଶେଷ ମଧ୍ୟରେ ଅଟକି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ଇରାନ୍‌ର ଆକ୍ରମଣରେ ଇସ୍ରାଏଲ ସହରର ଆବାସିକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଇରାନ୍‌ର ଆକ୍ରମଣରେ ଇସ୍ରାଏଲର ଉପକୂଳବର୍ତ୍ତୀ ସହର ବାଟ୍‌ୟାମ୍‌ରେ ୬ ଜଣଙ୍କର ମୃତ୍ୟୁ ହେବା ସହ

ଉତ୍ତରାଞ୍ଚଳର ତାମ୍ରାରେ ଅନ୍ୟ ଚାରିଜଣଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ ଯୁଦ୍ଧ ବିମାନଗୁଡ଼ିକ  ଇରାନର ଶକ୍ତିଭିତ୍ତିଭୂମି କ୍ଷେତ୍ରକୁ ଲକ୍ଷ୍ୟ ରଖି ଆକ୍ରମଣ କରିଛି । ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ ଅର୍ଘାଚି କହିଛନ୍ତି, ଇସ୍ରାଏଲ ଆକ୍ରମଣ ବନ୍ଦ ନ ହେବା ଯାଏଁ ପ୍ରତିଆକ୍ରମଣ ଜାରି ରହିବ । ଅନ୍ୟପକ୍ଷରେ ଉଭୟ ଦେଶ ମଧ୍ୟରେ ବଢୁଥିବା ଉତ୍ତେଜନା କୂଟନୈତିକ ପ୍ରୟାସକୁ ପ୍ରଭାବିତ କରିଛି । ମସ୍କଟ୍‌ଠାରେ ଆଜି ହେବାକୁ ଥିବା ଆମେରିକା  ଓ ଇରାନ୍ ପରମାଣୁ ଆଲୋଚନାର ଷଷ୍ଠ ପର୍ଯ୍ୟାୟ ଆଜି ବାତିଲ ହୋଇଛି । ଓମାନ୍ ପକ୍ଷରୁ ଏ ସଂକ୍ରାନ୍ତ ସୂଚନା ପ୍ରଦାନ କରାଯାଇଛି ।

## ୱିଣ୍ଡ ସୋଲାର ଏନର୍ଜି

କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ଭାରତର ପବନ ଶକ୍ତି କ୍ଷମତା ଗତ ବର୍ଷର ୪୬ ଦଶମିକ ୪/୨ ଗିଗାୱାଟ୍ ତୁଳନାରେ ୧୦ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇ ୫୧ ଦଶମିକ ୫ ଗିଗାୱାଟ ହୋଇଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଯୋଶୀ କହିଛନ୍ତି, ବୃଦ୍ଧି ପାଉଥିବା କ୍ଷମତା ସହିତ ଦେଶ ନବସୃଜନ, ସବୁଜ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ପ୍ରଗତି ଦ୍ୱାରା ଆତ୍ମନିର୍ଭରଶୀଳତା ଆଡ଼କୁ ଅଗ୍ରସର ହେଉଛି । ବିଶ୍ୱ ପବନ ଦିବସ ଅବସରରେ ଶ୍ରୀ ଯୋଶୀ କହିଛନ୍ତି, ଭାରତର ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅଭୁତପୂର୍ବ ଅଭିବୃଦ୍ଧି ହାସଲ ହୋଇଛି । ସୌରଶକ୍ତିରୁ ପବନଶକ୍ତି ପର୍ଯ୍ୟନ୍ତ ଦେଶ ଏକ ଉଜ୍ୱଳ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି । ସେ କହିଛନ୍ତି, ମୋଟ୍ ନବୀକରଣୀୟ ଶକ୍ତି କ୍ଷମତା ଗତ ମାସରେ ୧୭ ଦଶମିକ ୧/୩ ପ୍ରତିଶତ ବୃଦ୍ଧି ପାଇ ୨୨୬ ଦଶମିକ ୭/୪ ଗିଗାୱାଟରେ ପହଁଞ୍ଚିଛି । ଗତ ବର୍ଷ ଏହି ସମୟରେ

ଶକ୍ତିକ୍ଷମତା ୧୯୩ ଦଶମିକ ୫/୮ ଗିଗାୱାଟ ଥିଲା। ମନ୍ତ୍ରୀ କହିଛନ୍ତି, ସୌରଶକ୍ତି ଭାରତର ନବୀକରଣୀୟ ଶକ୍ତି ଉତ୍ସର ନୂତନ ପ୍ରେରଣାଦାୟକ ଶକ୍ତି ଭାବରେ ଉଭା ହୋଇଛି। ଭାରତ ଏବେ ୨୫ ଗିଗାୱାଟ ସୋଲାର ସେଲ୍ ଉତ୍ପାଦନ ଏବଂ ୨ଗିଗାୱାଟ୍‌ର ୱେଫ୍‌ର ଉତ୍ପାଦନ ସହିତ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିଛି।

ଜଳବାୟୁ ପରିବର୍ତ୍ତନ ବିରୁଦ୍ଧ ଲଢ଼େଇରେ ଦେଶର କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବା ଲକ୍ଷ୍ୟ ରହିଛି। ଭାରତ ୨୦୩୦ ମସିହା ସୁଦ୍ଧା ୫୦୦ ଗିଗାୱାଟ୍ ନବୀକରଣୀୟ ଶକ୍ତି କ୍ଷମତା ହାସଲ ପାଇଁ ଲକ୍ଷ୍ୟ ସ୍ଥିର ହୋଇଥିବା ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି।

# ଟେନିସ୍- ଡବ୍ଲ୍ୟୁଟିଟି

ଉତ୍ତର ମାସିଡୋନିଆରେ ଅନୁଷ୍ଠିତ ବିଶ୍ୱ ଟେବୁଲ ଟେନିସ୍ ପ୍ରତିଯୋଗିତା ସ୍କୋପେଜ୍-୨୦୨୫ର ପୁରୁଷ ଡବଲ୍ସ ଫାଇନାଲକୁ ଭାରତର ମାନବ ଠାକୁର ଏବଂ ମାନୁସ ଶାହା ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେମାନେ ଦକ୍ଷିଣ କୋରିଆର ଯୋଡ଼ି ଲିମ୍ ଜୋଙ୍ଗହୁନ୍ ଏବଂ ଓହୋ ଜୁନସୁଙ୍ଗଙ୍କୁ ୩-୧ରେ ପରାସ୍ତ କରିଛନ୍ତି।